

ନାମରେ ଭକ୍ତି, ଜୀବରେ ଦୟା ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।

- ଗୁରୁ ନାନକ



## ସାପ୍ତାହିକ କାର୍ଯ୍ୟକ୍ରମ

**୨।୯।୧୮**

ଭଣ୍ଡାରିପୋଖରୀ
- ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶାରଦା ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

ଭଦ୍ରକ
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଭଦ୍ରକ ଟାଉନ ହଲ୍, ସମୟ: ସକାଳ ୮ଟାରୁ ଆରମ୍ଭ।

**୩।୯।୧୮**

ଭଦ୍ରକ
- ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ନୂଆ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସକାଳ ୭ ଟାରୁ ଆରମ୍ଭ।

**୪।୯।୧୮**

ଭଦ୍ରକ
- ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ଶାସନ ସଚିବଙ୍କ ଓଡ଼ିଶା ଖାଦ୍ୟ ନିରାପତ୍ତା ଯୋଜନା ସମୀକ୍ଷା, ସ୍ଥାନ: ଓସୱାନ ହଲ୍, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ସାହିତ୍ୟିକ ବାସୁଦେବଙ୍କ ପରଲୋକ

**ଧାମନଗର,୧।୯(ଡି.ଏନ.ଏ.)**-ଭଦ୍ରକ ଜିଲା ଧାମନଗର ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ ତଥା ତାଳପଦା ନୋଡାଲ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ନାୟକଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଶୁକ୍ରବାର ଅପରାହ୍ନରେ ତାଳପଦା ଗ୍ରାମସ୍ଥିତ ବାସଭବନରେ ଶୋଇଥିବା ବେଳେ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଧାମନଗର ମେଡିକାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଧାମନଗରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ କାନ୍ତ ସାହିତ୍ୟ ପରିଷଦର ସମ୍ପାଦକ ଭାବେ ୧୬ବର୍ଷ ଧରି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ଏଥିସହିତ ସାହିତ୍ୟ ରଚନା ଓ ଆଲୋଚନା ତାଙ୍କର ନିଶା ଥିଲା। ତାଙ୍କ ମୃତ୍ୟୁ ଖବର ପାଇ କାନ୍ତ ସାହିତ୍ୟ ପରିଷଦର କର୍ମକର୍ତ୍ତା ରସାନନ୍ଦ ମହାପାତ୍ର, ସଚ୍ଚିକାନ୍ତ ପଣ୍ଡା, ହେମେନ୍ଦ୍ର ମହାନ୍ତି, ମନୋଜ ଜେନା, ପ୍ରଦୀପ ମହାପାତ୍ର, ବାସୁଦେବ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ।

### ପୂର୍ବ ଶତ୍ରୁତାରୁ ମଦ ଦୋକାନରେ ଆକ୍ରମଣ

**ବେତନଟୀ,୧।୯.(ଡି.ଏନ.ଏ.):** ବେତନଟୀ ଥାନା ଅଧୀନ ଆହାରି ଗ୍ରାମରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଉପରେ ଶନିବାର କେତେକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିବା ଜଣାଯାଇଛି। ଆକ୍ରମଣକାରୀମାନେ ଦୋକାନରେ ଭଙ୍ଗାରୁଜା କରିବା ସହ ସେଲ୍ସମ୍ୟାନ ଶଙ୍କର ସିଂଙ୍କୁ ଆକ୍ରମଣ କରିଛନ୍ତି। ସେମାନେ ଦୋକାନ ଭଙ୍ଗାରୁଜା କରିବା ସହ ଦୋକାନରେ ଥିବା ୫ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗରେ ଉଲ୍ଲେଖ ଅଛି। ଏନେଇ ଶନିବାର ଶଙ୍କର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳା ଓ ଛଅ ଜଣ ପୁରୁଷ ଦୋକାନରେ ପହଞ୍ଚି ଏପରି କାଣ୍ଡ ଭିଆଇଥିବା ଅଭିଯୋଗରେ ଉଲ୍ଲେଖ ଅଛି।

### ମହିଳା ମୋର୍ଚ୍ଚାର ବିକ୍ଷୋଭ ପ୍ରତ୍ୟାହୃତ

**କପ୍ତିପଦା,୧।୯(ଡି.ଏନ.ଏ):** କପ୍ତିପଦା ତହସିଲ ସମ୍ମୁଖରେ ଗତ ୨ ଦିନ ଧରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଥିବା ପ୍ରତିବାଦ ଶନିବାର ପ୍ରତ୍ୟାହୃତ ହୋଇଛି। ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ, ଅତିରିକ୍ତ ତହସିଲଦାର ଓ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଦାବୀ ସମ୍ପର୍କରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଯୁବ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବହଳଦା,୧।୯(ଡି.ଏନ.ଏ):** ବହଳଦା ବଜାରସ୍ଥିତ ବଂଶୀଧର ଡ୍ରେସେସ୍‌ର ମାଲିକ ଗୁନା ମିଶ୍ର (୪୦)ଶୁକ୍ରବାର ଝାଡଗାଁସ୍ଥିତ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ପୂର୍ବ ଦିନ ନିଜ ସ୍ତ୍ରୀ ଓ ପୁଅଙ୍କୁ ବସ୍‌ରେ ଶ୍ୱଶୁର ଘର ପଠାଇ ଦେଇଥିଲେ। ଏହାପରେ ଘର ପଛପଟ ଏକ ଲିଚୁ ଗଛରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବହଳଦା ପୋଲିସ ପ୍ରାଥମିକ ତଦନ୍ତ ପରେ ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡକୁ ପଠାଇଛି। ବହଳଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୯/୧୮) ରୁଜୁ ହୋଇଛି।

# ଗୁରୁଦିବସ ପୂର୍ବରୁ ତେଜିଲା ଆନ୍ଦୋଳନ

**ଭଦ୍ରକ ଅଫିସ,୧।୯**

ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହ ଜିଲାପାଳଙ୍କୁ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକମାନେ ଗାନ୍ଧୀପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ସଂଘର ମୁଖ୍ୟ ଆବାହକ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଶିକ୍ଷକ ସଙ୍ଗଠନର ନେତୃବୃନ୍ଦ ଏବଂ ଶତାଧିକ ଶିକ୍ଷକ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷକ ବିରୋଧୀ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ମିଳିତ




ଶିକ୍ଷକମାନଙ୍କ ଶୋଭାଯାତ୍ରା।

ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଆସନ୍ତା ୫ ତାରିଖ ଗୁରୁଦିବସ ପୂର୍ବରୁ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ଦାବି ପୂରଣ କରା ନ ଗଲେ ଗୁରୁଦିବସଠାରୁ ଭଦ୍ରକ ଜିଲାର ସମସ୍ତ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକ ଡ୍ରେସକୋଡ ବର୍ଜନ କରିବେ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ୬ ତାରିଖରେ ଗାନ୍ଧୀ ମାର୍ଗ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ମିଳିତ ଶିକ୍ଷକ ସଂଘ ବିଧାନସଭା ଘେରାଉ କରିବ। ପ୍ରାଥମିକ ସଂଘର ରାଜେଶ କୁମାର ଦାସ, ନୀଳାଦ୍ରି ଭୂଷଣ ତ୍ରିପାଠୀ, ପ୍ରଶାନ୍ତ କୁମାର ବାରିକ, ଭଦ୍ରକ ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାସ ଓ ସମ୍ପାଦକ ଆଲୋକ କୁମାର ମଲିକ, ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ପ୍ରତାପ ଧୂପାଳ, ମିଡିଆ କୋଅର୍ଡିନେଟର ବାଇଧର ପଲାଇ, ଏଲିମେଣ୍ଟାରୀ ଶିକ୍ଷକ ସଂଘ(ଏକ୍ସ କ୍ୟାଡ଼ର)ର ଭଦ୍ରକ ଜିଲା ସଭାପତି ଅନ୍ତର୍ଯ୍ୟାମୀ ନାୟକ, ସମ୍ପାଦକ ନିତ୍ୟାନନ୍ଦ ରାଉଳ, ଭଦ୍ରକ ବ୍ଲକ ସମ୍ପାଦକ ବସନ୍ତ ଦୀକ୍ଷିତ, ସଭାପତି ମନୋରଞ୍ଜନ ଦୀକ୍ଷିତ, ଓଡ଼ିଶା କଳା ଓ କ୍ରୀଡ଼ା ମହାସଂଘର ପ୍ରଶାନ୍ତ ବେହେରା, ଶୋଭାରାଣୀ ରାଉତ, ଜୟନ୍ତ କୁମାର ନାୟକ, ବିଏଡ୍ କନିଷ୍ଠ ଶିକ୍ଷକ ସଂଘ ସଭାପତି ବ୍ୟୋମକେଶ ପରିଡ଼ା, ସମ୍ପାଦକ ରୂପେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଆରମ୍ଭ

**ଭଦ୍ରକ ଅଫିସ,୧।୯**

ଶନିବାରଠାରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା-୨୦୧୯ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାରତ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ରାଜନୈତିକ ଦଳଙ୍କ ବୈଠକ ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଡେପୁଟି କଲେକ୍ଟର ତଥା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶନିବାର ଫଟୋ ଭୋଟର ତାଲିକା, ବୁଥ୍ କେନ୍ଦ୍ର, ଇଲେକ୍ଟୋରାଲ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇଛି। ଏହି ତାଲିକାରେ ଭୋଟରଙ୍କ ଆପତ୍ତି ଅଭିଯୋଗ ଥିଲେ, ସେମାନେ ଏ ସମ୍ପର୍କରେ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୩୦ ତାରିଖ ସୁଦ୍ଧା ଗ୍ରହଣ କରାଯାଇଥିବା ଅଭିଯୋଗ ଓ ଆପତ୍ତିର ସମାଧାନ କରାଯିବ। ୨୦୧୯ ଜାନୁୟାରୀ ୩ରେ ଡାଟାବେସ୍‌ର ଅଧିନାତନ କରାଯିବ ଓ ୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି।

## ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ

**ବନ୍ତ,୧।୯(ସ୍ୱ.ପ୍ର.)**

ବନ୍ତ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ ଆଗରପଡ଼ା ମହାବିଦ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି। ଭଦ୍ରକ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଏହି ଭ୍ରାମ୍ୟମାଣ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ବିଡିଓ ରେବିକା ବିଲଙ୍ଗଙ୍କ ସଭାପତିତ୍ୱ ଓ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜଙ୍କ ସଂଯୋଜନାରେ ସଚେତନତା ସଭା ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଯେନା, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ଯେନା, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ସେନାପତି, ଦିଲୀପ ପୁହାଣ, ପରିଚାଳନା କମିଟି ସଭ୍ୟ ସେକ୍ ଜୈନୁଲ ଆବେଦନ ପ୍ରମୁଖ ଯୋଗଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ରାଜେଶ ପହି, ବନ୍ତ ବିଜୁ ଛାତ୍ର ସଭାପତି ପ୍ରଣବ ଲେଙ୍କା, ଯୁବ ବିଜେଡି ସମ୍ପାଦକ ସମିମ୍ ନୱାଜ, ପୁରୁଷୋତ୍ତମ ଯୁବବାହିନୀ ସଭାପତି ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଉଦ୍‌ଘାଟିତ

## ବିନା ମୂଲ୍ୟରେ ଖୋଲିବ ଜମାଖାତା

**ଭଦ୍ରକ ଅଫିସ,୧।୯**

ଭଦ୍ରକ ଜିଲା ମୁଖ୍ୟ ଡାକଘର ପରିସରରେ ଶନିବାର ଅପରାହ୍ନରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ସାଂସଦ ତଥା ମନ୍ତ୍ରୀ ମନମୋହନ ସାମଲ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଡା. ପ୍ରଦୀପ ନାୟକ ଯୋଗ ଦେଇଥିଲେ। ଭଦ୍ରକ ଡାକ ଅଧୀକ୍ଷକ ସର୍ବେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ସିନିୟର ମ୍ୟାନେଜର ପ୍ରିୟରଞ୍ଜନ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା ଜିଲାର ସମସ୍ତ ଡାକଘରେ ଏହି ସେବା ଉପଲବ୍ଧ ହେବ ବୋଲି କୁହାଯାଇଥିଲା। ସେ ସୂଚନା ଦେଇ କହିଥିଲେ ଯେ, ଯେକୌଣସି ବ୍ୟକ୍ତି ଘରେ ବସି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଗ୍ରାମୀଣ ଡାକୀୟାମାନଙ୍କ ଦ୍ୱାରା ଜମା ଓ ଉଠାଣ କରିପାରିବେ। ଆଧାର କାର୍ଡ ମାଧ୍ୟମରେ ଜିରୋ ଆକାଉଣ୍ଟରେ ଜମାଖାତା ଖୋଲାଯାଇ ପାରିବ। ଗ୍ରାହକମାନେ ଚେକ୍, ଡେବିଟ୍, ସବ୍‌ସିଡ୍ ଓ ବିଲ୍ ପେମେଣ୍ଟ ଏହି ଆକାଉଣ୍ଟସ୍ ମାଧ୍ୟମରେ କରିପାରିବେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଏହି ବ୍ୟାଙ୍କ ସେବା ଉଦ୍‌ଘାଟନୀ ଭାଷଣ ଉପସ୍ଥିତ ଲୋକଙ୍କୁ ଦେଖାଯାଇଥିଲା। ପୋଷ୍ଟ ମାଷ୍ଟର ଅନୁରକ୍ତା ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଅନିଲ



@ ଦୀନେଶ



@ କରନ



@ ହରିଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମୟୂରଭଞ୍ଜ

# ସୁଧୁରୁନି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

**ବାରିପଦା ଅଫିସ,୧।୯**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ ଏବେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ତୁରନ୍ତ ସୁଧାରିବା ପାଇଁ ଶନିବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଶୁଳିଆପଦା ଶାଖାର କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ପ୍ରଦୀପ କୁମାର ମହାପାତ୍ରଙ୍କୁ ଭେଟି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ୧୫ଦିନ ମଧ୍ୟରେ ଏହି ଦାବି ପୂରଣ କରାଯିବା ପାଇଁ ମଧ୍ୟ ଚେତାବନୀ ଦେଇଛନ୍ତି। ଜେଏମଏମ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ, ଶୁଳିଆପଦା, କୋଷ୍ଟା, ବାଘଡା,ଦେଉଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଡାକ୍ତର ରହିବା, କର୍ମଚାରୀ ଅଭାବ ପୂରଣ କରିବା, ଦେଉଳିରେ ନିର୍ମାଣ ହୋଇଥିବା ୨୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ତୁରନ୍ତ ଲୋକାର୍ପିତ କରାଯିବା, ଅଁଳାକୁଡା ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ କରିବା ପାଇଁ ସରକାରୀ ତତ୍ପରତା ପ୍ରକାଶ କରିବା, ପ୍ରତି ଚିକିତ୍ସାଳୟରେ ବିଦ୍ୟୁତ୍ ସମସ୍ୟାକୁ ଦୂର କରିବା ପାଇଁ ଜେନେରେଟର ବ୍ୟବସ୍ଥା କରିବା, ଚିକିତ୍ସାଳୟରେ ରୋଗୀଙ୍କୁ ଉପଯୁକ୍ତ ଔଷଧ ଓ ସେବା ପ୍ରଦାନ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ, ରୋଗୀ କଲ୍ୟାଣ ସମିତି ପାଇଁ ଆସୁଥିବା ସରକାରୀ ଅର୍ଥର ଦୁରୁପଯୋଗକୁ ରୋକାଯିବା ଆଦି ଦାବି କରାଯାଇଥିଲା। ଜେଏମଏମର କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ଜିଲା ସମ୍ପାଦକ ନିମାଇଁ ତ୍ରିପାଠୀ, ଶୁଳିଆପଦା ବ୍ଲକ ସଭାପତି ରାମେଶ୍ୱର କିସ୍କୁ, କାର୍ଯ୍ୟକାରୀ ସଭାପତି ବାବୁଲ ସୋରେନ, ପ୍ରଭାତ ମହାନ୍ତ, ସାଧାରଣ ସମ୍ପାଦକ ତପନ ସିଂ, ସଂଯୋଜକ ରବୀନ୍ଦ୍ର ନାଥ ହେମ୍ବ୍ରମ, ରେଷ୍ଟା ସୋରେନ, ପଣ୍ଡା ମାର୍ଣ୍ଡି, ମଙ୍ଗଳ ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ଏହି ଦାବିଗୁଡ଼ିକ ୧୫ଦିନ ମଧ୍ୟରେ ସମାଧାନ କରା ନ ଗଲେ ଜେଏମଏମ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜେଏମଏମ ଯୁବଶାଖା କାର୍ଯ୍ୟକାରୀ ସଭାପତି ବାଜୁନ ହାସଁଦା ପ୍ରେସ ବିବୃତିରେ ଜଣାଇଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଜେଏମଏମ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

■ ଜେଏମ୍‌ଏମ୍‌ର ଆନ୍ଦୋଳନ ଚେତାବନୀ

■ ୧୫ ଦିନରେ ଡାକ୍ତର ନିଯୁକ୍ତି ଦିଅ

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ



ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀବୃନ୍ଦ।

**ବାରିପଦା ଅଫିସ,୧।୯**

ବାରିପଦାସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସାଧାରଣ ପ୍ରକୋଷ୍ଠ ପରିସରରେ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ନିରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜିକା ଆଲବର୍ଟିନା ତିର୍କୀ ସ୍ୱାଗତ ଭାଷଣ ଦେବା ସହ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷଣର ମୟୂରଭଞ୍ଜ ଜିଲା ସଂଯୋଜକ ଡ.ସୂର୍ଯ୍ୟେନ୍ଦୁ ଦାଶ ପ୍ରଶିକ୍ଷଣର ଠିକ୍ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପିଇଟି ସତ୍ୟନାରାୟଣ ଯୋଗଦେଇ ନିଜର ମତ ରଖିଥିଲେ। ମାଷ୍ଟର ଟ୍ରେନର ତଥା ମହାବିଦ୍ୟାଳୟର ଛାତ୍ରୀ ଇପସିତା କର, ସୁଚିତ୍ରା ନାଥ ଓ ସ୍ନେହା ସାହୁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୧୨ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ୬ଟି ଗ୍ରୁପରେ ୧୮୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେବେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ.ପ୍ରତିଭା ପଟ୍ଟନାୟକ, ପୂଜା ଦାସ, ମୀନାକ୍ଷୀ ଶର୍ମା, ସମିତା ଦାସ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ରତ୍ନୀ ହାଁସଦା ଧନ୍ୟବାଦ ଦେଇଥିଲେ।

## ସ୍ୱାୟତ୍ତ ଶାସନ ଦିବସ

**ରାଇରଙ୍ଗପୁର,୧।୯(ଡି.ଏନ୍.ଏ.)**

ରାଇରଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ଥାନୀୟ କଚେରି ପଡ଼ିଆ ପରିସରଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା , ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ନବଚରଣ ମାଝି, ପୌରପରିଷଦ ଅଧ୍ୟକ୍ଷା ଶୈଳବାଳା ମହାନ୍ତ ଯୋଗ ଦେଇଥିଲେ। ରାଇରଙ୍ଗପୁର ସହରରେ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଏବଂ ରାସ୍ତାଘାଟ ସମେତ ବସ୍ତି ଅଞ୍ଚଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସୁସ୍ଥ ପରିବେଶ ସକାଶେ ପଦକ୍ଷେପ ନିଆଯାଉଥିବା ପୌରପରିଷଦ ନିର୍ବାହୀ ଅଧିକାରୀ କହିଥିଲେ। ପୌରପରିଷଦ ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ ପୌରପରିଷଦ ଜନସାଧାରଣଙ୍କ ସକାଶେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଅନୁଦାନ ସମ୍ପର୍କରେ ସୂଚନା ଦେଇଥିଲେ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଶୁଭାରମ୍ଭ

**ବଡ଼ସାହି,୧।୯(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ମାଧପୁର ଗ୍ରାମ ଶାଖା ଡାକଘର ପରିସରରେ ‘ଆପଣଙ୍କ ବ୍ୟାଙ୍କ ଆପଣଙ୍କ ଦ୍ୱାରରେ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ଡାକଘର ନିରୀକ୍ଷକ ମାନସ ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଉପସ୍ଥିତ ରହି ଡାକ ସେବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାକୁ ଭିଡିଓ ମାଧ୍ୟମରେ ଦେଖିଥିଲେ । ମୁଖ୍ୟଅତିଥି ଭାବେ ମାଧପୁର ସରପଞ୍ଚ କାହ୍ନୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସରୋଜିନୀ ପାତ୍ର, ୨୩ନମ୍ବର ଜିଲାପରିଷଦ ସଦସ୍ୟ କୁମେନ୍ଦ୍ର ସେଠୀ, ବ୍ରଜମୋହନ ବେହେରା, ସୁବାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଡାକ କର୍ମଚାରୀଙ୍କ ଦ୍ୱାରା ବ୍ୟାଙ୍କିଂ ସେବା ସିଧା ହିତାଧିକାରୀଙ୍କ ଘର ପର୍ଯ୍ୟନ୍ତ ଯିବା ସହିତ ବିଶ୍ୱସନୀୟ ବ୍ୟାଙ୍କ ଭାବେ ସମସ୍ତ ସୁବିଧା ନାଗରିକଙ୍କୁ ମିଳିପାରିବ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ଭବାନୀ ଶଙ୍କର ସାହୁ, ଯୁବ ମୋର୍ଚ୍ଚା ସଭାପତି ଦୀପକ ବାରିକ, ଉପସଭାପତି ଯୋଗେନ୍ଦ୍ର ଆଚାର୍ଯ୍ୟ, ଭାଗୀରଥି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଉଦଳା ବଣିକ ସଂଘ ନିର୍ବାଚନ



ଉଦଳା ବଜାରରେ ଲଗାଯାଇଥିବା ବ୍ୟାନର।

**ଉଦଳା, ୧।୯ (ଡି.ଏନ.ଏ.)**

ଉଦଳା ବଣିକ ସଂଘର ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ୫ ପଦବୀରେ ୧୨ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ୧୨୫୪ ଭୋଟର ମତଦାନ ସାବ୍ୟସ୍ତ କରିବେ। ପ୍ରାର୍ଥୀମାନେ ବ୍ୟାନର, ପୋଷ୍ଟର ଲଗାଇ ପ୍ରଚାର ଜୋରଦାର ଚଳାଇଥିବା ବେଳେ ଶନିବାର ସ୍ଥାନୀୟ ବାସନ୍ତୀ ମଣ୍ଡପ ଛକ ଠାରେ ଏକ ଖୋଲାମଞ୍ଚର ଆୟୋଜନ କରାଯାଇଥିଲା । ଉଦଳା ବରିଷ୍ଠ ନାଗରିକ ସଂଘର ଉପସଭାପତି ଅବସରପ୍ରାପ୍ତ ଡାକ୍ତର ସଚ୍ଚିଦାନନ୍ଦ ପରିଡା, ବିଷ୍ଣୁପାଦ ସଦୁଆଳ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଉପସ୍ଥିତ ରହି ସେମାନଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ଶେଷ ନିମନ୍ତେ ଆବଶ୍ୟକ ପୋଲିସ୍ ମୁତୟନ କରାଯିବ ବୋଲି ସ୍ଥାନୀୟ ଥାନା ଆଇଆଇସି ସନାତନ ସାହୁ ସୂଚନା ଦେଇଛନ୍ତି ।

## ମହିଳାଙ୍କୁ ମିଳିଲା ରନ୍ଧନ ଗ୍ୟାସ୍

**ବିଶୋଇ, ୧।୯**

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଖଡମବେଡା ପଞ୍ଚାୟତର ‘ପ୍ରଧାନମନ୍ତ୍ରୀ ଉଜ୍ଜଳା ଗ୍ୟାସ ବଣ୍ଟନ’ ଯୋଜନାରେ ଶହେଜଣ ମହିଳାଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି । ବିଶୋଇ ବନବିଭାଗ କାର୍ଯ୍ୟାଳୟର ଆୟୋଜିତ ସଭାରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ଜୈବମଣ୍ଡଳର କ୍ଷେତ୍ର ନିର୍ଦ୍ଦେଶକ ଶଶୀ ପଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଶହେ ମହିଳାଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଥିଲା।

ଧରିତ୍ରୀ DHARITRI

www.orissakhabar.com/ www.dharitri.com  ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ସେପ୍ଟେମ୍ବର ୨/୨୦୧୮  Balasore, Sunday, September 2/ 2018

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ଠାକୁରମୁଣ୍ଡା,୧।୯(ଡି.ଏନ.ଏ):** ଠାକୁରମୁଣ୍ଡା ବ୍ଲକ ପଣସଡ଼ିଆ ଗ୍ରାମରେ ଶୁକ୍ରବାର ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସାବିତ୍ରୀ ସାହୁ। ସେ ଘର ପିଣ୍ଡାରେ ଶୁଖାଇ ଥିବା ମାଟିର ଦୀପଗୁଡ଼ିକୁ ଘରକୁ ଆଣୁଥିବା ସମୟରେ ଏକ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ପୋଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୨ ଅପମୃତ୍ୟୁ ମାମଲା

**ଖୁଣ୍ଟା, ୧।୯(ଡି.ଏନ.ଏ.):** ଖୁଣ୍ଟା ଥାନା ଅଧୀନ ପୃଥକ ସ୍ଥାନରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଥାନା ଅଧୀନ ତାଡ଼କିଝରଣ ଗ୍ରାମର ରବୀନ୍ଦ୍ର ସରେନ (୪୫)ଗତ ଗୁରୁବାର ସନ୍ଧ୍ୟାରେ ନିଜ ଝିଅ ସହ ଯାଉଥିବା ବେଳେ ବାଟରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପିଆରଏମ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଖୁଣ୍ଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୨/୧୮) ରୁଜୁ ହୋଇଛି । ସେହିପରି ଉକ୍ତ ଥାନା ଅଧୀନ ବାଲିଡିହା ଗ୍ରାମର ନିରଞ୍ଜନ ମଳିକ ଶୁକ୍ରବାର ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିଥିଲେ । ତାଙ୍କୁ ପ୍ରଥମେ ଖୁଣ୍ଟା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ପିଆରଏମ ମେଡ଼ିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୩/୧୮) ରୁଜୁ ହୋଇଛି ।

### ବିଷ ପିଇ ଆତ୍ମହତ୍ୟା

**ତିହିଡ଼ି,୧।୯(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ସାଇକେଲ ଦୋକାନୀ ଜୟନ୍ତ କୁମାର ନାୟକ(୫୫) ଶନିବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର କୋହ୍ଲ ପଞ୍ଚାୟତ ଅମରପୁର ଗ୍ରାମରେ। ସେ ବିଷ ପିଇ ଦେବାରୁ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୨/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବିପଦ ସଙ୍କେତ ଟପିଲା ବୈତରଣୀ



ଆଖୁଆପଦା ଆନିକଟଠାରେ ବନ୍ୟାଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି।

**ଭଣ୍ଡାରିପୋଖରୀ,୧।୯(ଡି.ଏନ.ଏ.)**

ଲଘୁଚାପଜନିତ ବର୍ଷା ଯୋଗୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ବୈତରଣୀ ନଦୀରେ ବନ୍ୟାଜଳ ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି। ଆଖୁଆପଦା ଆନିକଟଠାରେ ନଦୀର ଏହି ବନ୍ୟାଜଳ ଶନିବାର ମଧ୍ୟାହ୍ନ ୧୨ଟାରେ ବୃଦ୍ଧି ପାଇ ସନ୍ଧ୍ୟା ୮ଟା ସୁଦ୍ଧା ୧୮.୨୩ ମିଟରରେ ପ୍ରବାହିତ ହୋଇଥିଲା। ବନ୍ୟାଜଳ ୧୨ଟାରେ ୧୭.୦୯ ମିଟର, ଗୋଟାଏରେ ୧୭.୧୯ ମିଟର, ୨ଟା ରେ ୧୭.୪୨ ମିଟର, ୩ ଟାରେ ୧୭.୭୦ ମିଟର ଓ ସାଢ଼େ ୩ ଟାରେ ବିପଦ ସଙ୍କେତ ତଥା ୧୭.୮୩ ମିଟର ଅତିକ୍ରମ କରିଥିଲା। ୪ ଟାରେ ୧୭.୯୬ ମିଟର, ୫ଟାରେ ୧୮.୦୮ ମିଟର ଓ ସନ୍ଧ୍ୟା ୬ ଟାରେ ୧୮.୧୬ ମିଟର ପ୍ରବାହିତ ହୋଇଥିଲା। ବୈତରଣୀର କଣ୍ଟିଘାଇ ଏସ୍କେପରେ ବନ୍ୟାଜଳ ପ୍ରବାହିତ ହୋଇ ଶାଖାନଦୀ ଗେଙ୍ଗୁଟିରେ ପ୍ରବେଶ କରିଛି। ସେହିପରି ବିଭିନ୍ନ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଯାଇଛି। ବୈତରଣୀ ନଦୀ ଅବବାହିକାରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ, ଆଖୁଆପଦାରେ ୧୯୫.୦ ମିମି, ଆନନ୍ଦପୁରରେ ୧୭୧.୬ ମିମି, ସୋମପାଟଣାରେ ୦.୬ ମିମି, କେନ୍ଦୁଝରରେ ୫.୦ ମିମି, ଠାକୁରମୁଣ୍ଡାରେ ୧୯.୦ ମିମି, ଯାଜପୁରରେ ୨୨୫.୦ ମିମି, ଚମ୍ପୁଆରେ ୫.୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ଏହି ବନ୍ୟାଜଳ ବୃଦ୍ଧି ପାଇ ୧୮.୫୦ ମିଟର ମଧ୍ୟରେ ରହିବ ବୋଲି ଆଖୁଆପଦା ଆନିକଟ ଜଳ ସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ଆକଳନ କରିଛନ୍ତି।

## ■ ଗାଁକୁ ପଶିପାରୁନି ଆମ୍ବୁଲାନ୍ସ

# ଖଟିଆରେ ବୁହା ହେଲେ ରୋଗୀ

**ରୂପସା, ୧।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଆଙ୍ଗୋ ପଞ୍ଚାୟତରେ ଶୁକ୍ରବାର ରାତିରେ ଜଣେ ରୋଗୀଙ୍କୁ ଖଟିଆରେ ବୁହା ହୋଇ ମେଡ଼ିକାଲ ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ପଞ୍ଚାୟତର ୭ନଂ. ୱାର୍ଡ଼ ଆଙ୍ଗୋ ଦଳେଇସାହିର ଜଣେ ବୃଦ୍ଧା ବିଜୟ ରାଉତ (୫୬) ୫ଦିନ ଧରି ଜ୍ୱରରେ ପୀଡ଼ିତ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗ୍ରାମବାସୀ ଓ ପରିବାର ଲୋକେ ଖଟିଆରେ ଭାର କରି ରୂପସା ଗୋଷ୍ଠୀକେନ୍ଦ୍ରକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଏହି ୱାର୍ଡ଼ରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଡ୍ରେନ ଭୁଶୁଡି ପଡିଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ତେବେ ପଞ୍ଚାୟତ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ହେଁ ଏଯାବତ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କି ଦମକଳ ସେବାରୁ ୱାର୍ଡ଼ବାସୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଖଟିଆରେ ପ୍ରାୟ ୧ କି.ମି. ବୁହା ହୋଇ ମେଡ଼ିକାଲରେ ଚିକିତ୍ସା କରାଯାଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡ଼ିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର କହିଛନ୍ତି।



ରୂପସା–ଶନିବାର–ଖଟିଆରେ ମେଡ଼ିକାଲକୁ ଅଣାଯାଇଥିବା ରୋଗୀ।

■ ଗାଁ ଭିତରକୁ ଯାଇପାରୁନି ଆମ୍ବୁଲାନ୍ସ

■ ରାସ୍ତା ନ ଥିବାରୁ ଲୋକେ ହଇରାଣ

# ବର୍ଦ୍ଧିତ ପେନସନ ଦାବିରେ ବିକ୍ଷୋଭ

**ବାରିପଦା ଅଫିସ,୧।୯**

ବର୍ଦ୍ଧିତ ପେନସନ ଦାବି ନେଇ ବାରିପଦାସ୍ଥିତ ନେସ୍କୋ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ନେସ୍କୋର ଅବସରପ୍ରାପ୍ତ କର୍ମଚାରୀମାନେ ଶନିବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଚାଲୁ ରହିବ କୁହାଯାଇଛି। ସୂଚନା ଅନୁସାରେ ଦୀର୍ଘ ଦେଢ଼ ମାସରୁ ଅଧିକ ହେବ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନୂତନ ବର୍ଦ୍ଧିତ ପେନସନ ଦେବାକୁ ନିର୍ଦ୍ଦେଶନାମା ଥିବା ଓପିଟିସିଏଲ ଭୁବନେଶ୍ୱର କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଯାହା ଫଳରେ ବୟୋଜ୍ୟେଷ୍ଠ ପେନସନ ଭୋଗୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଛନ୍ତି। ପେନସନ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କର୍ମଚାରୀମାନେ କହିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲାର ସମସ୍ତ ସଂଘର କର୍ମକର୍ତ୍ତା ଏବଂ ଅବସରପ୍ରାପ୍ତ ସଂଘର କର୍ମକର୍ତ୍ତା ଯୋଗଦେଇଛନ୍ତି। ତୁରନ୍ତ ସେମାନଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନ କରାଯାଉ ବୋଲି ଓଏସଇବି ଏମ୍ପ୍ଲଇଜ ଫେଡେରେଶନର ଉପସଭାପତି ନୃସିଂହ ଚରଣ ପଣ୍ଡା, ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ସଂଘର ଉପସଭାପତି କୈଳାସ ଚନ୍ଦ୍ର ମହାନ୍ତ, ନେସ୍କୋ ୱାର୍କର୍ସ ଏମ୍ପ୍ଲଇଜ ୟୁନିୟନର ସାଧାରଣ ସମ୍ପାଦକ ଗିରିଶଚନ୍ଦ୍ର ଦାଶ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ବ୍ରଜେନ୍ଦ୍ରନାଥ ବାରିକ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଯୋଗେଶ୍ୱର ଷଡଙ୍ଗୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନ ହେଲେ ଧାରଣ ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି।

# ବାଲିପୋଖରୀ ହତ୍ୟାକାଣ୍ଡ: ୩ ଗିରଫ

**ବନ୍ତ,୧।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଚାରିଗାଁ ପଞ୍ଚାୟତର ବାଲିପୋଖରୀ ବଜାରରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ରାତିରେ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ଆଗରପଡ଼ା ଥାନା ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତେଲନଟି ଗ୍ରାମର ହରିହର ଯେନା, କାହ୍ନୁଚରଣ ଯେନା ଓ ରାଜେନ୍ଦ୍ର ଯେନା। ଉଲ୍ଲେଖନୀୟ ଯେ, ଶୁକ୍ରବାର ସକାଳୁ ବାଲିପୋଖରୀ ବଜାରର କାଳୀ ମଣ୍ଡପ ପଛପଟୁ ତେଲନଟି ଗ୍ରାମର ମୁରଲୀ ଯେନାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୂର୍ବଶତ୍ରୁତାରୁ ତାଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦିଆଯାଇଥିବା ନେଇ ତାଙ୍କ ଭାଇ ସୀତାକାନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୧୧ ଜଣଙ୍କ ନାମରେ ମାମଲା(ନଂ.୧୦୪/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ଥାନାଧିକାରୀ ମାନସ କୁମାର ଦେଓ ଘଟଣା ଦିନ ଅନୁପସ୍ଥିତ ଥିବାବେଳେ ଶୁକ୍ରବାର ରାତିରେ ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା କରିଥିଲେ।

# ହିତାଧିକାରୀ ଚୟନରେ ପାତରଅନ୍ତର

**ବନ୍ତ,୧।୯(ଡି.ଏନ.ଏ.)**

ପାତରଅନ୍ତର ନୀତି ଯୋଗୁ ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତର କେତେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ହିତାଧିକାରୀ ଚୟନ ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ନେଇ ସରପଞ୍ଚ ସତ୍ୟପ୍ରିୟା ଜେନା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଏହି ପଞ୍ଚାୟତ ଅଧୀନ ସିଳନ୍ଦି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ବୟସ ୬୩ ଓ ଗୋଲକ ବିହାରୀ ବିଶ୍ୱାଳଙ୍କ ବୟସ ୬୭ ବର୍ଷ ହୋଇଥିବା ବେଳେ ସେମାନେ ଭତ୍ତା ପାଇବା ନିମନ୍ତେ ୨୦୧୭ ମେ ମାସରେ ଦରଖାସ୍ତ କରିଥିଲେ। ମାତ୍ର ପଞ୍ଚାୟତର ସେମାନଙ୍କଠାରୁ କମ୍ ବୟସ ବ୍ୟକ୍ତି ଭତ୍ତା ପାଇଥିବା ବେଳେ ଏହି ଦୁଇ ବ୍ୟକ୍ତି ଭତ୍ତା ପାଇବାରୁ ବାଦ୍ ପଡ଼ିଛନ୍ତି। ରାଜନୈତିକ ଆକ୍ରୋଶ ରଖି ଫର୍ମରୁ ଦୁହିଁଙ୍କ ନାମ କାଟି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସରପଞ୍ଚ ବହୁ ବୃଦ୍ଧାବୃଦ୍ଧଙ୍କ ଫର୍ମ ବ୍ଲକ ପ୍ରଶାସନଠାରେ ଦାଖଲ କରିଥିବା ବେଳେ ସେଗୁଡ଼ିକୁ ଅଣଦେଖା କରାଯାଇ ତାଙ୍କ ଅଗୋଚରରେ ହିତାଧିକାରୀ ଚୟନ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆ ନ ଗଲେ ସେ ବାଧହୋଇ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।




# କଣ୍ଟ୍ରୋଲ ସାମଗ୍ରୀ ଯୋଗାଣରେ ଅନିୟମିତତା

**ଆରଡ଼ି,୧।୯(ଡି.ଏନ.ଏ.)**

ରାଜ୍ୟ ସରକାର ଖାଉଟିଙ୍କ ପାଇଁ ଯୋଗାଉଥିବା କଣ୍ଟ୍ରୋଲ ସାମଗ୍ରୀ ଠିକ୍ ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚୁ ନାହିଁ। ନିୟମିତ କଣ୍ଟ୍ରୋଲ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତ ହିତାଧିକାରୀମାନେ ଶନିବାର ଭଦ୍ରକ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ବୁଧବାର ଉକ୍ତ ପଞ୍ଚାୟତରେ କଣ୍ଟ୍ରୋଲ ସାମଗ୍ରୀ ବିତରଣ କରାଯାଇଥିଲା। ସେମାନଙ୍କୁ ୨ ମାସର ଚାଉଳ ଦିଆଯାଇ ରାଶନ କାର୍ଡରେ ୩ ମାସ ଉଲ୍ଲେଖ କରାଯାଉଥିଲା। ହିତାଧିକାରୀମାନେ ଏହା ଜାଣି ଆପତ୍ତି ଜଣାଇବାରୁ ସମ୍ପୃକ୍ତ ବିତରକ ଖପା ହୋଇ ହିତାଧିକାରୀଙ୍କୁ ସାମଗ୍ରୀ ଦେବା ବନ୍ଦ କରିଦେଇଥିଲେ। ଏ ଦିଗରେ ତଦନ୍ତ କରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସିଙ୍ଗିପୁର ଗ୍ରାମର ପଦ୍ମାବତୀ ଦାସ, ଲକ୍ଷ୍ମୀଧର ପଲାଇ, ମାଣିକବାଳା ପଲାଇ, ଚମ୍ପକଲତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।




# ଧରାପଡ଼ିଲେ ୨ ଲୁଟେରା

**ଖଇରା, ୧।୯(ଡି.ଏନ.ଏ.)**

୫ ଘଣ୍ଟାର ଧାଁ ଦଉଡ ପରେ ଖଇରା ପୋଲିସକୁ ଶୁକ୍ରବାର ବଡ ସଫଳତା ମିଳିଛି । ଖଇରାରେ କ୍ରମାଗତ ଭାବେ ଚୋରି, ଲୁଟ୍ ସାଙ୍ଗକୁ ଆତଙ୍କ ଖେଳାଇଥିବା ୨ ଅପରାଧୀଙ୍କୁ ପୋଲିସ କାବୁ କରିବାକୁ ସକ୍ଷମ ହୋଇଛି । ଅପରାଧୀଙ୍କ ମଧ୍ୟରୁ ଜଣେ ରାଉରକେଲା ରାଜଗାଙ୍ଗପୁରର ବନମାଳୀ ପଟ୍ଟନାୟକ ଓ ଆଉ ଜଣେ ହେଲେ ସୋର ମଧୁସୂଦନପୁର ଗ୍ରାମର ଦୀନବନ୍ଧୁ ସାହୁ । ସେମାନଙ୍କଠାରୁ ଏକ ପିସ୍ତଲ, ଭୁଜାଲି ଓ ବାଇକ ଜବତ କରାଯାଇଛି ।

ପ୍ରକାଶ ଯେ, ଏହି ୨ଜଣ ଅପରାଧୀଙ୍କର ଏକ ଗ୍ୟାଙ୍ଗ ୫ ଦିନ ମଧ୍ୟରେ ୫ଟିରୁ ଅତ୍ୟଧିକ ଚୋରି ଓ ଲୁଟ୍ କରିସାରିଛନ୍ତି । ଶୁକ୍ରବାର ରାତିରେ ତୁଡିଗଡିଆ ନିକଟସ୍ଥ ପିତାକାଳିଆ ଛକରେ ଥିବା କିଓସ୍କୋ ବ୍ୟାଙ୍କ, ବରପଦା ଗ୍ରାମର ମଦନ ବେହେରାଙ୍କ ମନୋହରୀ ଦୋକାନରୁ ୩୦ହଜାର ଟଙ୍କାର ସାମଗ୍ରୀ, ସାଉଣ୍ଡିଆର ସରୋଜ ନନ୍ଦଙ୍କ ସୁନାହାର ଲୁଟ୍ କରି ବିଳମ୍ବିତ ରାତିରେ ଖଇରା ଆଡକୁ ଆସୁଥିଲେ । ଏହି ସମୟରେ ଖଇରା ପୋଲିସ ତୁଡିଗଡିଆରୁ ପାଟ୍ରୋଲିଂ କରି ଫେରୁଥିବା ବେଳେ ଏହି ଲୁଟେରା ୨ଜଣ ପୋଲିସକୁ ଗାଡିକୁ ଅତିକ୍ରମ କରି ଦ୍ରୁତଗତିରେ ପଳାଇ ଯାଇଥିଲେ । ପୋଲିସ ତାଙ୍କ ପିଛା କରିଥିଲା । ଏହି ଗୋଡାଗୋଡି ମଧ୍ୟରେ ଅପରାଧୀଦ୍ୱୟଙ୍କ ବାଇକ୍ କଣ୍ଟାପଡା ଛକ ନିକଟରେ ଖୁଣ୍ଟରେ ଧକ୍କା ଦେବାରୁ ଉଭୟେ ତଳକୁ ଛିଟିକି ପଡିଥିଲେ। ସେତିକି ବେଳେ ମଧୁସୁଦନ ପୋଲିସ ହାତରେ ଧରାପଡିଥିଲେ। ବନମାଳୀ ବିଲ ଭିତରେ ଦୌଡି ପଳାଇଥିଲେ। ଏହି ଅପରାଧୀ ସମ୍ପର୍କରେ ପୋଲିସ ବିଭିନ୍ନ ଗ୍ରାମକୁ ଖବର ପଠାଇଥିଲା। ସୁଣ୍ଡିରା ଗ୍ରାମ ନିକଟରେ ଜଣେ ବାଇକ ଆରୋହୀଙ୍କଠାରୁ ଲିଫ୍ଟ ନେଇ ବନମାଳୀ ଯିବାକୁ ଚାହିଁଥିବା ବେଳେ ସେ ପୋଲିସକୁ ଜଣାଇଥିଲେ । ସାଧା ପୋଷାକରେ ପଇଁତରା ମାରୁଥିବା ପୋଲିସ ବନମାଳୀଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏ ସମ୍ପର୍କରେ ଖଇରା ଥାନାରେ ଏକ ମାମଲା (ନଂ.୨୧୦/୧୮)ରୁଜୁ କରାଯାଇ ଅପରାଧୀଙ୍କୁ ପଚରାଉଚୁରା କରାଯାଇଛି। ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବର୍ଷା ବିପ୍ୱାତ, ବହୁ ଅଞ୍ଚଳ ଜଳମଗ୍ନ


କଣ୍ଟିପାଳ ଅଞ୍ଚଳରେ ବନ୍ୟା ସ୍ଥିତି । ରାସ୍ତା ଉପରେ ଛୁଟୁଛି ପାଣି ସୁଅ ।


ପଣ୍ଡୁଆରେ ଲୋକଙ୍କ ଘରେ ପାଣି ପଶିଛି ।


କଣ୍ଟିପାଳ-ବିରିଡିହାରେ ରାସ୍ତାରେ ଘାଇ ।

ଆନନ୍ଦପୁର,୧।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୭୧.୦୬ ମି.ମି. ବର୍ଷା ହୋଇଛି। ଶୁକ୍ରବାର ମଧ୍ୟରାତ୍ରରୁ ଏଠାରେ ଲଗାଣ ବର୍ଷା ଲାଗିରହିବାରୁ ଆନନ୍ଦପୁର ଆଖପାଖ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ନଈ ନାଳ ଉଛୁଳି ପଡିଛି। ଶହଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ବିଭିନ୍ନ ସ୍ଥାନରେ ସଡକ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଖାଲୁଆ ଅଞ୍ଚଳର ଅନେକ ଲୋକଙ୍କ ଘରେ ବର୍ଷା ପାଣି ପଶିଛି। କୁଶେଇ ନଦୀରେ ବନ୍ୟା ଆସିବାରୁ ବେଲବାହାଳି ଓ ଆଖପାଖ ଅଞ୍ଚଳ ଏବଂ ଘସିପୁରା ବ୍ଲକ ସରେଇଠାରେ ଫାପୁଡିଆ ନାଳରେ ବନ୍ୟା ସ୍ଥିତି ଯୋଗୁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ଘାଘରା ନାଳରେ ମଧ ବନ୍ୟା ଆସିଛି। ଆନନ୍ଦପୁର ନିକଟରେ ବୈତରଣୀ ନଦୀର ବିପଦ ସଙ୍କେତ ୩୮.୩୬୦ ମି.ମି. ରହିଥିବା ବେଳେ ବନ୍ୟାଜଳ ସତର୍କ ସୂଚନା ସ୍ତର (୩୭.୪୪୫ ମି.ମି.)ରେ ପ୍ରବାହିତ ହେଉଛି। ଶନିବାର ଅପରାହ୍ନ ୩ଟା ସୁଦ୍ଧା ବୈତରଣୀ ନଦୀରେ ବନ୍ୟା ଜଳସ୍ତର କମିଥିବା ଖବର ମିଳିଛି। ତେବେ ବର୍ଷା ବିପ୍ୱାତ ଯୋଗୁ ପାଣି ଘେରରେ ଥିବା ଲୋକେ ରୋଷେଇ କାର୍ଯ୍ୟ କରି ନ ପାରି ଭୋକ ଉପାସରେ ରହିଛନ୍ତି। ଶନିବାର ଲୋକ ପ୍ରତିନିଧିମାନେ କେତେକ ଅଞ୍ଚଳକୁ ଯାଇ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଯୋଗାଣ ଲାଗି ତ୍ୱରିତ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି।

**ଆନନ୍ଦପୁର ଅବସ୍ଥା ବେହାଲ**

- ୨୪ ଘଣ୍ଟାରେ ସର୍ବାଧିକ ୧୭୧.୦୬ ମି.ମି.
- ଉଛୁଳିଲା ସବୁ ନଈନାଳ
- ବୈତରଣୀରେ ବନ୍ୟାଜଳ
- ସହରାଞ୍ଚଳ ସମେତ ଗାଁଗଣ୍ଡା ପାଣି ଘେରରେ,
- ସଡ଼କ ଯୋଗାଯୋଗ ବିଚ୍ଛିନ୍ନ

ମାତ୍ରାଧିକ ବର୍ଷା ଯୋଗୁ ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତର ଘାଘରା ନାଳ ଉଛୁଳିବାରୁ ଏହା ନିକଟସ୍ଥ କେନାଲରେ ବନ୍ୟାପାଣି ପଶି ଚାଷଜମିରେ ପ୍ରବଳ କ୍ଷତି ଘଟାଇଛି। ସେହିପରି ବିଭିନ୍ନ ଗାଁଗଣ୍ଡାର ପୋଖରୀ ବର୍ଷାପାଣିରେ ବୁଡି ଯିବାରୁ ମତ୍ସ୍ୟଚାଷ ପ୍ରଭାବିତ ହୋଇଛି। ଆନନ୍ଦପୁର ବ୍ଲକ ବଉଁଶଗଡ ପଞ୍ଚାୟତର ୪, ୫ ଓ ୬ ନଂ ଓାର୍ଡ଼ରେ ଲୋକଙ୍କ ଘରେ ବର୍ଷାଜଳ ପଶିବାରୁ ଉବୁଟୁବୁ ସ୍ଥିତି ସୃଷ୍ଟି ହୋଇଛି। କଣ୍ଟିପାଳ, ବିରିଡିହା, ବାରୁଆଁ, ବଳଦୁଆଁ, ପଣ୍ଡୁଆ, ବାଲିପଶି ପ୍ରଭୃତି ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ଆନନ୍ଦପୁର ଉପଜିଲାପାଳ ତପନ କୁମାର ନାୟକ, ବିଡିଓ ଉମାକାନ୍ତ ପରିଡା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଶାଳବଣି ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ମିଶ୍ର ପଣ୍ଡୁଆ ଅଞ୍ଚଳର ବିପନ୍ନ ପରିବାରବର୍ଗଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଛନ୍ତି। ଆନନ୍ଦପୁର ପୌରପରିଷଦର ଫକୀରପୁର ଅଞ୍ଚଳରେ କେତେକଙ୍କ ଘର ଭାଙ୍ଗି ଯାଇଛି। ୭ ନମ୍ବର ଓାର୍ଡ ମାଳତୀ ସାହାଣୀ, ରେବତୀ ସିଂହଙ୍କ ଘର ଭୁଶୁଡି ପଡିଛି। ଦଧିବାମନ ଜୀଉ ମନ୍ଦିର ପଛପାଖ ସାହିରେ ମଧ ବର୍ଷା ପାଣି ପଶିଯାଇଛି। ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଜଳମଗ୍ନ ହୋଇ ପଡିଥିବାରୁ ଚିକିତ୍ସାସେବା ପ୍ରଭାବିତ ହୋଇଛି। ଫକୀରପୁର ସପ୍ତାବଜାରରେ ବର୍ଷା ପାଣିର ସୁଅ ଛୁଟିଛି। ୭ ନମ୍ବର ୱାର୍ଡ ଦଶରାପଦା ସାହିରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପଶି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଛି। ବୈତରଣୀ ନଦୀ ଉପର ମୁଣ୍ଡରେ ବର୍ଷା ପରିମାଣ କମିଥିବାରୁ ଜଳସ୍ତର ହ୍ରାସ ପାଇପାରେ ବୋଲି ସୂଚନା ମିଳିଛି।

## ଓଭର ବ୍ରିଜ ତଳେ ଆଣ୍ଠୁଏ ପାଣି

ରାଇସୁଆଁ,୧।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ମୁଖ୍ୟ ରାସ୍ତାଟି ଅତିଶୋଚନୀୟ ହୋଇପଡିଛି ଫଳରେ ବହୁ ସମୟରେ ଯାତ୍ରୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ପୋଲ ନିକଟ ରାସ୍ତା ଏବଂ ପୋଲ ତଳେ ପାଣି ଜମିରହୁଛି। ରାସ୍ତା ସାରା ଖାଲଖମାରେ ପରିଣତ ହୋଇଯାଇଛି ଫଳରେ ବହୁ ଯାନବାହାନ ଏହି ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାରେ ସ୍କୁଲ ଛାତ୍ରୀଛାତ୍ର ମାନେ ପ୍ରତିଦିନ ଖାଲରେ ପଶି ବିଦ୍ୟାଳୟକୁ ଯାତାୟତ କରୁଛନ୍ତି। ଏହି ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁ ରାସ୍ତା ନିର୍ମାଣର ୨ମାସ ନଯାଉଣୁ ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହେଲା ବୋଲି ବହୁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ସହିତ ବହୁ ବାର ପ୍ରଶାସନକୁ ଅବଗତ କଲେ ମଧ୍ୟ କୌଣସି ପ୍ରତିକାର କରାଯାଉନି ଫଳରେ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଆଗାମୀ ନିର୍ବାଚନରେ ଏହାର ପରିଣାମ ନେତା ଏବଂ ମନ୍ତ୍ରୀ ଜାଣି ପାରିବେ ବୋଲି କିଛି ସ୍ଥାନୀୟ ଜନସାଧାରଣ କହିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ସଂକ୍ଷେପରେ**

## ପାଣିରେ ବୁଡ଼ି ଶିଶୁ ମୃତ

ଯୋଡା,୧।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ଜାମୁକୁଣ୍ଡିଆ ଗ୍ରାମରେ ଶୁକ୍ରବାର ଚେକ୍‌ଡ୍ୟାମ ପାଣିରେ ବୁଡି ଦିଲସାନ ନାମକ ଜଣେ ୨ବର୍ଷ ବୟସର ଶିଶୁଙ୍କ ମୃତ୍ୟୁ ହୋଇଛି। ଅଶେଇଁକଳା ପଞ୍ଚାୟତର ଜାମୁକୁଣ୍ଡିଆ ନିବାସୀ କାଳୀଚରଣ ତିରିଆଙ୍କ ପୁଅ ଦିଲସାନ ତିରିଆ ନିକଟସ୍ଥ ଜାମୁକୁଣ୍ଡିଆ ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୧୨ଘଟିକା ସମୟରେ ସେଠାରୁ ଛୁଟି ହେବା ପରେ ଅନ୍ୟ ଛୁଆ ମାନଙ୍କ ସହିତ ଘରକୁ ଫେରିବା ବେଳେ ନିକଟରେ ଥିବା ଚେକଡ୍ୟାମରେ ଗୋଡ ଖସିବାରୁ ପାଣିରେ ପଡିଯାଇଥିଲେ। ଚେକଡ୍ୟାମରେ ପାଣି ଅଧିକ ଥିବାରୁ ଦିଲସାନ ପାଣିରେ ବୁଡି ଯାଇଥିଲେ। ଦିଲସାନଙ୍କ ସହିତ ଥିବା ଅନ୍ୟ ଶିଶୁମାନେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣା ସ୍ଥଳକୁ ଯାଇ ଦିଲସାନଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡା ପୋଲିସ ପହଞ୍ଚି ସନ୍ଧ୍ୟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡବିଲ ଡାକ୍ତରଖାନା ପଠାଇଥିଲା।

## ୧୧ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦୁଝର, ୧।୯ (ସ୍ୱ.ପ୍ର.)-କେନ୍ଦୁଝର ସହରର ବିଭିନ୍ନ ହୋଟେଲରେ କାମ କରୁଥିବା ୧୧ ଜଣ ଶିଶୁ ଶ୍ରମିକଙ୍କୁ କେନ୍ଦୁଝର ଜିଲା ଶିଶୁ ସୁରକ୍ଷା ୟୁନିଟ ଉଦ୍ଧାର କରିଥିବା ଜଣାପଡିଛି। ପୋଲିସ ଓ ଶ୍ରମ ବିଭାଗ ସହାୟତାରେ ଏହି ଚଢାଉ କରାଯାଇଥିଲା। ଏହି ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଓ ବୟସ ଯାଞ୍ଚ ପାଇଁ ଜିଲା ମୁଖ୍ୟଡାକ୍ତରଖାନାକୁ ନିଆଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ମେଘା, ସ୍ୱାଦ ଓ ରଶ୍ମି ହୋଟେଲରୁ ଏହି ସବୁ ଶିଶୁମାନଙ୍କୁ ଉଦ୍ଧାର କରାଯାଇଛି। ତେବେ ବାରମ୍ବାର ଗୋଟିଏ ଗୋଟିଏ ହୋଟେଲରୁ ବହୁ ବାର ଶିଶୁ ଶ୍ରମିକ ଉଦ୍ଧାର କରାଯାଉଥିଲେ ହେଁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପୁଣି ଏଭଳି ଶିଶୁ ଶ୍ରମିକଙ୍କୁ ନିୟୋଜିତ କରୁଥିବା ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଏନେଇ ଏସଡିଜେଏମ କୋର୍ଟରେ ହୋଟେଲ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି । କୋର୍ଟ ବିଚାର କରି ଦଣ୍ଡବିଧାନ କରିବେ। ଉଦ୍ଧାର ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି ।

## ଛାତ୍ରୀଛାତ୍ରଙ୍କ ଶାରୀରିକ ପରିବର୍ତ୍ତନ ନେଇ ପ୍ରଶିକ୍ଷଣ

ପାଟଣା,୧।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ବ୍ଲକ୍‌ର ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ-ଛାତ୍ରଙ୍କର କିଶୋର ଅବସ୍ଥାରେ ହେଉଥିବା ଶାରୀରିକ ପରିବର୍ତ୍ତନ, ସ୍ୱାସ୍ଥ୍ୟ ସମସ୍ୟା ଓ ତାହାର ନିରାକରଣ ନେଇ ୫ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ବ୍ଲକ୍‌ର ୫୦ଟି ବିଦ୍ୟାଳୟ, ୫୦ଜଣ ଶିକ୍ଷୟିତ୍ରୀ, ୫୦ଜଣ ଶିକ୍ଷକ ତାଲିମ୍ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ, ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ନରୋତମ ସାହୁ ଓ ସିଆର୍‌ସିସି ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସିଆର୍‌ସିସି ପ୍ରମୋଦ କୁମାର ମହାନ୍ତ ପରିଚାଳନା କରିଥିଲେ। ତାଲିମ୍ ଦାତା ଭାବେ ରାମେଶ୍ୱର ବାରିକ୍, ବିଜନ କୁମାର ପରିଡ଼ା, ରୋଜାଲିନ୍ ଜେନା ଓ ଅସୀମା ସେଠୀ ପ୍ରମୁଖ ତାଲିମ୍ ଦେଇଥିଲେ ।

## କନଫରେନ୍ସ ହଲ ଉଦ୍‌ଘାଟିତ

ଝୁମ୍ପୁରା, ୧।୯ (ଡି.ଏନ.ଏ.)-କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ କନଫରେନ୍ସ ହଲ ଉଦ୍‌ଘାଟିତ ହୋଇଯାଇଛି। ସଦର ବିଧାୟକ ଅଭିରାମ ନାଏକ ଏହି କନଫରେନ୍ସ ହଲକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝୁମ୍ପୁରା ବିଡିଓ ମମତାରାଣୀ ନାଏକ, ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକଙ୍କ ସମେତ ବ୍ଲକ କର୍ମଚାରୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ସଦର ବିଧାୟକ ଏହାର ଆବଶ୍ୟକତା ଏବଂ ଉପଯୋଗୀତା ସମ୍ବନ୍ଧରେ ସୂଚନା ଦେଇଥିଲେ।

■ ହତ୍ୟା ଘଟଣାର ପର୍ଦ୍ଦାଫାଶ

## ଭାଉଜ ଭାଇ ଗିରଫ

ହାଟଡ଼ିହୀ, ୧।୯ (ଡି.ଏନ.ଏ.)

ସାଳନ୍ଦୀ ନଦୀରୁ ଶୁକ୍ରବାର ଉଦ୍ଧାର ହୋଇଥିବା ମୃତଦେହକୁ ଶନିବାର ଚିହ୍ନଟ କରାଯାଇଛି। ମୃତକ ହେଲେ କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ଅନ୍ତର୍ଗତ ବାଲିବରେଇ ଗ୍ରାମର ଅମର ମହାନ୍ତି। ତାଙ୍କ ସ୍ତ୍ରୀ ଶକୁନ୍ତଳା ମୃତଦେହ ଚିହ୍ନଟ କରିବା ପରେ ସମ୍ପତ୍ତି ଲୋଭରେ ତାଙ୍କ ସ୍ୱାମୀଙ୍କୁ ମାରି ନଦୀରେ ଭସାଇ ଦିଆଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତ ବେଳେ କେତେକ ତଥ୍ୟକୁ ଆଧାର କରି ପୋଲିସ ମୃତକଙ୍କ ଭାଉଜଭାଇଙ୍କୁ ଜେରା କରିବାରୁ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଏହାପରେ ପୋଲିସ ଅଭିଯୁକ୍ତ ଭାଉଜ ମଧୁମିତା ମହାନ୍ତି, ଭାଇ ନିରାକାର ମହାନ୍ତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଆଇଆଇସି ମୁକ୍ତିକାନ୍ତ କୁଲୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ହାଟଡିହୀଠାରୁ ୫ କି.ମି. ଦୂର ସାଳନ୍ଦୀ ନଦୀର ଦନେଇପୁର ଘାଟ ନିକଟରେ ଶୁକ୍ରବାର ଏକ ମୃତଦେହ ଭାସିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଦମକଳ ବାହିନୀ ଓ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରିଥିଲେ ମଧ ମୃତକଙ୍କ ପରିଚୟ ମିଳି ନ ଥିଲା। ପରିବାର ଲୋକେ ଆସି ଶନିବାର ମୃତଦେହ ଚିହ୍ନଟ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଅମରଙ୍କୁ ହତ୍ୟା କରି ନଦୀକୁ ଫିଙ୍ଗି ଦିଆଯିବା ପରେ ଏହା ପ୍ରାୟ ୬ କି.ମି. ଦୂର ନଦୀ ସ୍ରୋତରେ ଭାସି ଆସିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ଏକ ପ୍ରକାର ଶଢ଼ି ଯାଇଥିବାରୁ ହତ୍ୟା କେବେ ଘଟିଲା ଏବଂ ଏହା ପଛରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଭାଉଜ ଜଣେ ଶିକ୍ଷୟିତ୍ରୀ ଏବଂ ଭାଇ ଜଣେ ଅଧ୍ୟାପକ ବୋଲି ଥାନା ଆଇଆଇସି କୁଲୁ ସୂଚନା ଦେଇଛନ୍ତି।

- ସମ୍ପତ୍ତି ଲୋଭରେ ହତ୍ୟା କରି ନଦୀରେ ଭସାଇ ଦେଇଥିବା ଅଭିଯୋଗ ଆଣିଲେ ମୃତକଙ୍କ ସ୍ତ୍ରୀ
- ଥାନାରେ ହତ୍ୟା ମାମଲା ରୁଜୁ

## ମହତାବ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଚମ୍ପୁଆ, ୧।୯(ଡି.ଏନ.ଏ.)

୧୯୪୮ ମସିହାରେ ସ୍ଥାପିତ ମହତାବ ଉଚ୍ଚ ବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ଗିରି, ଶୁକଦେବ ବେହେରା, ଗଣେଶ୍ୱର ମହାନ୍ତ, ମୁକୁନ୍ଦ ଚରଣ ମହାନ୍ତ, ଅଫଜଲ ହୁସେନ୍, ପୁରାତନ ଛାତ୍ର ସଙ୍ଗଠନ ସଭାପତି ପ୍ରେମଚାନ୍ଦ ପୋଦ୍ଦାର, କାଉନସିଲର ଜାନ ସେଠୀଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ଗାରିମା ବୃଦ୍ଧି କରିବା ପାଇଁ ଛାତ୍ରୀଛାତ୍ରମାନେ ନିଜ ମତ ରଖିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ସମୁହ ଏହି ବିଦ୍ୟାଳୟ ବହୁ ଘାତ ପ୍ରତିଘାତ ମଧ୍ୟରେ ବଜାୟ ରଖିଥିବା ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା, ଶୃଙ୍ଖଳିତ ଶିକ୍ଷା ଗ୍ରହଣ କରିବା ଆଦି ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ମତ ରଖିଥିଲେ। ପୁରାତନ ଛାତ୍ର ରମେଶ ଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ଉନ୍ନତି ଛାତ୍ରଛାତ୍ରୀଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ।

■ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ତତ୍ପରତା

## ପ୍ରଥମ ଦଫାରେ ମିଳିଲା ଦେଢକୋଟି

ଆନନ୍ଦପୁର, ୧।୯(ସ୍ୱ.ପ୍ର.)



ବୈଠକରେ ଉପସ୍ଥିତ ଅତିଥିଗଣ ।

କେନ୍ଦୁଝର ଜିଲାର ସ୍ୱତନ୍ତ୍ରତା ବଜାୟ ରଖିଥିବା ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ନିମନ୍ତେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାଠାରେ ଅନୁଷ୍ଠିତ ହୋଇଥିବା ଭିଡିଓ କନଫରେନ୍ସିଂରେ ଆନନ୍ଦପୁର ମହାବିଦ୍ୟାଳୟକୁ ପ୍ରଥମ ଦଫାରେ ଦେଢ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଯାହାକୁ ନେଇ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ ପୂର୍ବତନ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଏନେଇ ଶନିବାର ମହାବିଦ୍ୟାଳୟର କନଫରେନ୍ସ ହଲରେ ଏକ ଖୁସି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି, ଆନନ୍ଦପୁର ଉପଜିଲାପାଳ ତପନ କୁମାର ନାୟକ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ ଶା, ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର, ପୌରାଧ୍ୟକ୍ଷ ଶାନ୍ତନୁ କୁମାର ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଅଧ୍ୟାପକ ପ୍ରଫେସର ପ୍ରତାପ ଚନ୍ଦ୍ର ଦାସ, ଡ. ବିଜୟ କୁମାର କର, ଗୋପବନ୍ଧୁ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ମହାବିଦ୍ୟାଳୟର ପୁରୁଣା ସ୍ମୃତି ବଖାଣିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତାକୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଡ. ଦିଲ୍ଲୀପ କୁମାର ଦାଶ, ଉମାକାନ୍ତ ନାୟକ, ଶକ୍ତି ପ୍ରସାଦ ମହାପାତ୍ର, ଅଧ୍ୟାପିକା ଡ. ମିନାକ୍ଷୀ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଶୁଭାରମ୍ଭ



ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଲୋକାର୍ପଣ କରାଯାଉଛି।

କେନ୍ଦୁଝର, ୧।୯ (ସ୍ୱ.ପ୍ର.)

ଶନିବାର ସମଗ୍ର ଭାରତବର୍ଷରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଲୋକାର୍ପଣ ହୋଇଥିବାବେଳେ କେନ୍ଦୁଝର ଡାକ ମଣ୍ଡଳରେ ମଧ ଏହାର ଶୁଭାରମ୍ଭ ହୋଇଛି। ସାରା ଭାରତରେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରାଜଧାନୀ ଦିଲୀଠାରେ ଅନୁଷ୍ଠିତ ହୋଇଥିବାବେଳେ ଏହାର ସିଧାସଳଖ ପ୍ରସାରଣ କେନ୍ଦୁଝର ପ୍ରଧାନ ଡାକଘରେ ପ୍ରଦର୍ଶିତ ହୋଇଛି। କେନ୍ଦୁଝର ମୁଖ୍ୟ ଡାକଘର ସହ ବଡବିଲ ମୁଖ୍ୟ ଡାକଘର, ଠାକୁରାଣୀ ଶାଖା ଡାକଘର, ଭୂୟାଁରୋଇଡା ଶାଖା ଡାକଘର, ଭଦ୍ରାସାହି ଶାଖା ଡାକଘରକୁ ଆକ୍ସେସ ପଏଣ୍ଟ ମାଧ୍ୟମରେ ସଂଯୋଗୀକରଣ କରାଯାଇଛି। ଏହି ଉପଲକ୍ଷେ କେନ୍ଦୁଝର ପ୍ରଧାନ ଡାକଘର ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକମଣ୍ଡଳ ଅଧିକ୍ଷକ ଦେବୀପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକକର୍ମୀ ପଦ୍ମଶ୍ରୀ ଡ଼ଃ ତୁଳସୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଲୋକସଭା ସଦସ୍ୟ ଅନନ୍ତ ନାଏକ, ଭାରତୀୟ ଷ୍ଟିଲ କର୍ତ୍ତୃପକ୍ଷର ସାଧାରଣ ପରିଚାଳକ ଡି.ଦେ. ସରକାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ଗ୍ରାହକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ମ୍ୟାନେଜର ଚିନ୍ତାମଣୀ ପାଗଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଏଥିରେ ଡାକ ବିଭାଗର କର୍ମଚାରୀ ନୟନ କୁମାର ପାଢୀ, ତପସ୍ୱିନୀ ପାତ୍ର, ବିନୋଦିନୀ ସାହୁ, ଜ୍ୟୋସ୍ନା ନାୟକ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଦ୍ୱାରା ପରିଚାଳିତ ଆଦିବାସୀ ବିଦ୍ୟାଳୟକୁ ଡାକବିଭାଗ ତରଫରୁ ଦଶହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## 'ଉପହାର ଦେବ ତ ଚାରାଗଛ ଦିଅ'

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧।୯

**ଦିନକର କାହାଣୀ**


ନିଆରା ପ୍ରତିଭା ହରେକୃଷ୍ଣ

ବିବାହ, ବ୍ରତ ଭଳି ସାମାଜିକ ଉତ୍ସବ ଓ ଅନ୍ୟ କାର୍ଯ୍ୟକ୍ରମରେ ଚାରା ଉପହାର ଦେଇ ସେ ଏକ ଭିନ୍ନ ପରମ୍ପରା ସୃଷ୍ଟି କରିଛନ୍ତି। କେବଳ ସେତିକି ନୁହେଁ ଔଷଧୀୟ ବୃକ୍ଷଲତାଙ୍କ ସୁରକ୍ଷା ସାଙ୍ଗକୁ ପରିବେଶରେ ସନ୍ତୁଳନ ବଜାୟ ରଖିବା ଲଗି ସେ କାର୍ଯ୍ୟ କରି ଆସୁଛନ୍ତି। ଔଷଧୀୟ ବୃକ୍ଷଲତାକୁ କିପରି ଚିହ୍ନଟ କରି ତାହାର ବ୍ୟବହାର କରିବେ ସେଥିଲାଗି ସେ କେନ୍ଦୁଝର ଜିଲାର ୨୨୫ ବନ ସୁରକ୍ଷା ସମିତିକୁ ତାଲିମ ପ୍ରଦାନ କରିଛନ୍ତି। ବିଭିନ୍ନ ସ୍ଥାନରେ ଫଳବଗିଚା ସୃଷ୍ଟି କରିବା ସାଙ୍ଗକୁ ୧୪୨ ବିଦ୍ୟାଳୟରେ ଔଷଧୀୟ ବୃକ୍ଷ ରୋପଣ କରି ସେ ଚର୍ଚ୍ଚାକୁ ଆସିଛନ୍ତି।

ଗଛଲତା, ପ୍ରକୃତି ଓ ପରିବେଶକୁ ଭଲ ପାଉଥିବା ଏହି ନିଆରା ବ୍ୟକ୍ତିତ୍ୱ ହେଲେ କେନ୍ଦୁଝର ଜିଲାର ବୈଦ୍ୟବିଶାରଦ ହରେକୃଷ୍ଣ ମହାନ୍ତ । ସେ କହନ୍ତି, ବୃକ୍ଷଲତା ଏ ପୃଥିବୀର ଅମୂଲ୍ୟ ସମ୍ପଦ । ଏବେ ତାଙ୍କୁ ବୟସ ୭୦ ହେବ । ଶିକ୍ଷକତା ବୃତ୍ତି ଛାଡି ୧୯୯୦ରୁ ଆୟୁର୍ବେଦ ଉପରେ ଗବେଷଣା ସାଙ୍ଗକୁ ଚିକିତ୍ସା କାର୍ଯ୍ୟ କରିଆସୁଛନ୍ତି। ଏହା ଛଡା ଜ୍ୟୋତିଷ ବିଦ୍ୟାରେ ସେ ଧୂରୀଣ। ସେ ପାରମ୍ପରିକ ପଦ୍ଧତି ବଳରେ ସହଜରେ ଭୂତଳ ଜଳସ୍ତରକୁ ନିରୀକ୍ଷଣ କରି ପାରନ୍ତି। ପରିବେଶ ସୁରକ୍ଷା ଲାଗି ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସ୍ଥାନରେ ସେ ବୃକ୍ଷ ରୋପଣ କାର୍ଯ୍ୟ କରି ଆସୁଛନ୍ତି। ଏଥିଲାଗି ବର୍ଷ ତମାମ ତାଙ୍କ ପାଖରେ ସବୁବେଳେ ଲୋକଙ୍କ ଭିଡ ଜମିଥାଏ ।

ହରେକୃଷ୍ଣ କହନ୍ତି, ସବୁ ପ୍ରାଣୀଙ୍କ ଜୀବନଧାରଣ ଲାଗି ପ୍ରକୃତି ତା'ର କୋଳ ସଜାଇ ରଖିଛି । ବିଭିନ୍ନ ବୃକ୍ଷଲତା ମଧ୍ୟରେ ନାନା ରୋଗର ନିଦାନ ଓ ସମ୍ବଳ ଲୁଚି ରହିଛି। ପ୍ରତିଦିନ ଭୋର ୪ ଟାରୁ ସେ ଶଯ୍ୟା ତ୍ୟାଗ କରି ପ୍ରାତଃଭ୍ରମଣ କରିଥାନ୍ତି। ସେ ଲଗାଇଥିବା ଗଛଲତା ସହ କିଛି ସମୟ ବିତାଇ ପରେ ଘରେ ତ୍ରିଫଳା ପାଣିରେ ତୁଳସୀପତ୍ର, ରସୁଣ, ମହୁ, ଡାଲଚିନି ମିଶାଇ ପିଇଥାନ୍ତି। ସକାଳ ୮ ଟାରେ ରୁଟି, ପିଠା କିମ୍ବା ପରଟା ଖାଇଥାନ୍ତି। ଚକୁଳି ପିଠା ସାଙ୍ଗକୁ କ୍ଷୀର ତାଙ୍କର ଅତି ପ୍ରିୟ । ଏହାପରେ ସକାଳେ ଆଖପାଖ ଅଞ୍ଚଳର ରୋଗୀଙ୍କ ଚିକିତ୍ସା କରି ଔଷଧ ପ୍ରସ୍ତୁତି କରିଥାନ୍ତି। ପୂର୍ବାହ୍ନ ୧୦ଟା ବେଳକୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବନୌଷଧି ସେବାକେନ୍ଦ୍ରକୁ ଯାଇ ରୋଗୀଙ୍କ ଚିକିତ୍ସା କାର୍ଯ୍ୟ କରିଥାନ୍ତି। ଅପରାହ୍ନ ୨ଟା ବେଳକୁ ଭାତ ଖାଇଥାନ୍ତି। ଶାଗ ତାଙ୍କର ଅତି ପ୍ରିୟ । ଅପରାହ୍ନ ୪ ରେ ଚା' କିମ୍ବା କଫି ପିଅନ୍ତି। ସନ୍ଧ୍ୟାରେ ଘରେ ପୁନର୍ବାର ଔଷଧ ତିଆରି କରନ୍ତି। ରାତିରେ ୩ ରୁଟି ଓ ୨ ଗ୍ଲାସ କ୍ଷୀର ପିଇ ଶେଯକୁ ଯାଆନ୍ତି। ସମୟ ମିଳିଲେ ବାଡିବଗିଚା କାମ ସହିତ ଜ୍ୟୋତିଷ କାମ କରନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ନଳକୂପ, ବୋରୱେଲ ଖନନ ବେଳେ ସମସ୍ତେ ତାଙ୍କୁ ଖୋଜିଥାନ୍ତି। ପାରମ୍ପରିକ ବିଦ୍ୟା ସହାୟତାରେ ସେ ମାଟି ପରୀକ୍ଷା କରି କେଉଁଠି ଖୋଳିଲେ ଭଲ ପାଣି ବାହାରିବ ତାହା ବତାଇ ଦିଅନ୍ତି। ଏହି ପରୀକ୍ଷା କ୍ଷେତ୍ରରେ ସେ ୯୯ ପ୍ରତିଶତ ସଫଳତା ପାଇଥିବା କହନ୍ତି।

- ବୃକ୍ଷଲତା ଏ ମାଟିର ଅମୂଲ୍ୟ ସମ୍ପଦ
- ଏହା ଭିତରେ ଲୁଚି ରହିଛି ସବୁ ରୋଗର ନିଦାନ

୧୯୮୦ରେ ହରେକୃଷ୍ଣ ବୋଦାପଳସା ପଞ୍ଚାୟତର ନାଏବ ସରପଞ୍ଚ ରହି ଜନସେବା କାର୍ଯ୍ୟ କରିଥିଲେ। ଗଛଲତାକୁ ସେ କିଭଳି ଅଧିକ ଭଲ ପାଇ ବସିଲେ ପଚାରିବାରୁ ସେ କହିଥିଲେ, ତାଙ୍କ ବାପା ସ୍ୱର୍ଗତ ନିରାକର ମହାନ୍ତ ଥିଲେ ଜଣେ କବିରାଜ । ୨୪/୨୫ ବର୍ଷ ବୟସରୁ ସେ ତାଙ୍କଠାରୁ କବିରାଜି କାମ ଶିଖିଥିଲେ। ପରେ ତାଳପତ୍ର ପୋଥିରୁ ଔଷଧ ବିଦ୍ୟା ଶିଖିବା ସହ ବାଙ୍ଗାଲୋର, ତାମିଲନାଡୁ, କେରଳ, ରାଜସ୍ଥାନ, କଲିକତା ଆଦି ସ୍ଥାନକୁ ଯାଇ ଆୟୁର୍ବେଦ ତାଲିମ ନେଇଥିଲେ। ଆୟୁର୍ବେଦ ଗବେଷଣା ଲାଗି ସେ ଜିଲା, ରାଜ୍ୟ ସ୍ତରରେ ଅନେକ ପୁରସ୍କାର ପାଇଛନ୍ତି। ୨୦୦୩-୦୪ ମସିହାରେ ଜିଲାର ଶ୍ରେଷ୍ଠ ବୈଦ୍ୟ ପୁରସ୍କାର ପ୍ରଶାସନଠାରୁ ପାଇଥିଲେ। ୨୦୦୫ରେ ରାଜ୍ୟ ବନୌଷଧି ବୋର୍ଡ ପକ୍ଷରୁ ପୁରସ୍କୃତ ହୋଇଥିଲେ। ଅଲଟରନେଟିଭ ରୁରାଲ ମୁଭମେଣ୍ଟ ସଂସ୍ଥା ସହିତ କାମ କରିଥିଲେ। ପରେ ୨୦୧୧ ରେ ଓଡିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘ ପ୍ରତିଷ୍ଠା କରି ଜଡିବୁଟିର ସୁରକ୍ଷା ଓ ବୈଦ୍ୟମାନଙ୍କୁ ମାନ୍ୟତା ଦେବା ଲାଗି ଲଢେଇ କରି ଆସୁଛନ୍ତି। ବର୍ତ୍ତମାନ ୩୦ ଜିଲାରୁ ମୋଟ ୨୦୧୬ ସଦସ୍ୟ ମହାସଂଘରେ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଫଳ ବଗିଚା ସୃଷ୍ଟି କରି ପରିବେଶ ସୁରକ୍ଷା ଲାଗି କାର୍ଯ୍ୟ କରୁଥିବାରୁ ତାଙ୍କୁ ପ୍ରକୃତିବନ୍ଧୁ, ପ୍ରକୃତି ମିତ୍ର, ବିଶିଷ୍ଟ ପରିବେଶବିତ, ବିଜୁ ପଟ୍ଟନାୟକ ପୁରସ୍କାର, ବୈଦ୍ୟଶ୍ରୀ, ବୈଦ୍ୟ ବିଶାରଦ ଭଳି ବହୁ ସମ୍ମାନ ମଧ ମିଳିଛି।